ସୁନ୍ଦରଗଡ ଜିଲ୍ଲା ସମାଚାର

ଅନୈତିକ କାର୍ଯ୍ୟରେ ବ୍ୟବହାର ସ୍ୱାସ୍ଥ୍ୟମିଶନ ଗାଡ଼ି

ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଗାଡ଼ିରୁ ବାହାରିଲା ମଦ ବୋତଲ

ବଣେଇଗଡ଼, ୨୦/୯ (ଶ୍ରୁ.ମି.): ଗ୍ରାମାଞ୍ଚଳ ତଥା ଡାକ୍ତରଖାନାରୁ ଅନେକ ଦୂରରେ ବସବାସ କରୁଥିବା ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ସରକାର ଆରମ୍ଭ କରିଛନ୍ତି ଜାତୀୟ ସ୍ୱାସ୍ଥ୍ୟମିଶନ ସେବା। ଏହି ସେବା ମାଧ୍ୟମରେ ଅସୁସ୍ଥ ଲୋକମାନଙ୍କୁ ଡାକ୍ତରଖାନା ଆଣିବା ପାଇଁ ନିୟୋଜିତ ହୋଇଛି ଅନେକ ଗାଡ଼ି। ତେବେ ଏହି ଗାଡ଼ି ଜନତାଙ୍କୁ ସ୍ୱାସ୍ଥ୍ୟସେବା ଦେବା ବଦଳରେ ଅବିବାହିତ ଯୁବକ ଯୁବତୀମାନଙ୍କୁ ନେଇ ପିକ୍‌ନିକ୍ ନେବା, ଗାଡ଼ି ଉପରେ ମଦ ପିଇବାର ସୁଯୋଗ ଦେବା ଆଦି କାମରେ ଲାଗିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁସାରେ ବଣେଇଗଡ଼ ନୂଆପାଲି ଦେଇ ଜାତୀୟ ସ୍ୱାସ୍ଥ୍ୟମିଶନ ଯୋଜନାରେ ନିୟୋଜିତ ଏକ ବୋଲେରୋ ନମ୍ବର-ଓଆର୍୧୪ଏକ୍ସ୮୭୨୦ ଦ୍ରୁତଗତିରେ ଯିବା, ଚାଳକ ଠିକ ଭାବେ ଗାଡ଼ି ଚଳାଉନଥିବା ଦେଖି କିଛି ଗଣମାଧ୍ୟମ ପ୍ରତିନିଧି ଓ ସ୍ଥାନୀୟ ଲୋକମାନେ ପିଛା କରି ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ବେଳେ ଗାଡିଟି ବିରକେରା ଅଞ୍ଚଳରେ ନିୟୋଜିତ ଥିବାବେଳେ ଚାଳକ ଗାଡ଼ିରେ ୪ ଜଣ ଯୁବତୀ ସହିତ ୪ ଜଣ ଯୁବକଙ୍କୁ ନେଇ ପିକ୍‌ନିକ୍ ପାଇଁ ଖଣ୍ଡାଧାର ଜଳପ୍ରପାତକୁ ଯାଉଥିବା ଏବଂ ଗାଡ଼ିରେ ମଦ ବୋତଲ ଥିବା ମଧ୍ୟ ଜାଣିପାରିଥିଲେ। ଗାଡ଼ିରେ ଥିବା ଯୁବକ ଯୁବତୀମାନଙ୍କୁ ତାଗିଦ୍ କରି ଛାଡ଼ିଦେଇଥିବାବେଳେ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟରେ ନିୟୋଜିତ ଗାଡିକୁ ଅନୈତିକ କାର୍ଯ୍ୟରେ ନିୟୋଜିତ କରିଥିବା ଯୋଗୁଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡ଼ିଛି।

ବର୍ଷାରେ ଭାଙ୍ଗିଲା ଘର, ମା-ଛୁଆ ଅଳ୍ପକେ ବର୍ତ୍ତିଲେ

ସୁନ୍ଦରଗଡ଼, ୨୦/୯ (ଶ୍ରୁ.ମି.): ଗତକାଲି ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଇଥିବା ବର୍ଷା ଓ ଝଡ଼ତୋଫାନରେ ସୁନ୍ଦରଗଡ଼ ପୌରପାଳିକା ଅଧିନରେ ଥିବା ୱାର୍ଡନମ୍ବର ୧୯ର ଖମାରୀପଡ଼ାରେ ରହୁଥିବା ଗରିବ ବିଧବା ମହିଳା ସୁକୁମାରୀ ଶର୍ମାଙ୍କ ଘରଟି ଭାଙ୍ଗିଯାଇଥିଲା। ତେବେ ଏହି ଅଘଟଣ ବେଳେ ଘର ଭିତରେ ସୁକୁମାରୀ ଏବଂ ତାଙ୍କ ପୁଅ ଥିବା ସତ୍ତ୍ୱେ ସେମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ଏ ସମ୍ବନ୍ଧରେ ଖବର ପାଇ ବିଜେପି କାଉନ୍‌ସିଲର ଡଃ ହିମାଂଶୁ ଷଡଙ୍ଗୀ ନିଜ କର୍ମୀମାନଙ୍କ ସହ ଘଟଣାସ୍ଥଳକୁ ଯାଇ ଗରିବ ସୁକୁମାରୀକୁ ସମସ୍ତ ସାହାଯ୍ୟ ଯୋଗାଇ ଦେବା ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ଗାଡ଼ିରୁ ନଗଦ ୧୧.୨୯ ଲକ୍ଷ ଟଙ୍କା ଜବତ

ଛତିଶଗଡ଼ ବ୍ୟବସାୟୀଙ୍କ ସମେତ ୪ ଜଣ ଅଟକ

ଉଷ୍ଣା, ୨୦/୯ (ଶ୍ରୁ.ମି.): ସୁନ୍ଦରଗଡ଼ ପୋଲିସ ଜିଲ୍ଲା ଅଧିନରେ ଥିବା ଉଷ୍ଣା ଥାନା ଅଞ୍ଚଳର ବିରମିତ୍ରପୁର ମେମୋରିଆଲ୍ ଛକଠାରେ ପେଟ୍ରୋଲିଂ କରୁଥିବା ପୋଲିସ ଝାରସୁଗୁଡ଼ା ପଟୁ ଆସୁଥିବା ଏକ ମାରୁତି ସ୍ୱିଫ୍ଟ କାର୍ ନମ୍ବର ସିଜି୦୪ଏପି-୯୧୯୭କୁ ଅଟକାଇ ଯାଞ୍ଚକଲାବେଳେ ଗାଡ଼ିରୁ ନଗଦ ୧୧.୨୯ ଲକ୍ଷ ଟଙ୍କା ମିଳିଥିଲା। ପଚରା ଉଚରା ବେଳେ ଗାଡ଼ିରେ ବସିଥିବା ଛତିଶଗଡ଼ ରାଜ୍ୟର ଅମ୍ବିକାପୁରର ବ୍ୟବସାୟୀ ରାଜେଶ ଅଗ୍ରୱାଲ ଏହା ତାଙ୍କ ନିଜ ଟଙ୍କା ବୋଲି କହିଥିଲେ। ଛତିଶଗଡ଼ରେ ରାଇସ୍ ମିଲ ଓ ତେଲ ମିଲ୍ କରିଥିବା ରାଜେଶ ଝାରସୁଗୁଡ଼ା ଅଞ୍ଚଳର ବ୍ୟବସାୟୀମାନଙ୍କ ଠାରୁ ସଂଗ୍ରହ କରି ନିଜ ଗ୍ରାମକୁ ଯାଉଥିବା ପୋଲିସକୁ କହିଥିଲେ ସୁଦ୍ଧା କେଉଁ କେଉଁ ବ୍ୟବସୀମାନଙ୍କଠାରୁ ଟଙ୍କା ଆଣିଛନ୍ତି ତାର ବିବରଣୀ ପୋଲିକୁ ଦେଇ ପାରିନଥିଲେ। ଫଳରେ ପୋଲିସ ରାଜେଶଙ୍କ ସହିତ ଡ୍ରାଇଭରକୁ ମିଶାଇ ଗାଡ଼ିରେ ଥିବା ଅନ୍ୟ ୪ ଜଣଙ୍କୁ ଥାନାକୁ ନେଇ ପଚରା ଉଚରା ଚଳାଇଥିବା ବେଳେ ଏତେ ମାତ୍ରାରେ ଟଙ୍କା ମିଳିଥିବା ଖବର ପାଇ ଆୟକର ବିଭାଗର କର୍ମଚାରୀମାନେ ମଧ୍ୟ ଥାନାରେ ପହଞ୍ଚି ସମସ୍ତଙ୍କୁ ପଚରା ଉଚରା ଚଳାଇଛନ୍ତି।

ଶୀଘ୍ର ବୋନସ ପ୍ରଦାନ ଦାବିରେ ଆର୍‌ଏମ୍‌ଏସ୍‌ର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା, ୨୦/୯ (ଶ୍ରୁ.ମି.): ଆର୍‌ଏସ୍‌ପିରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଆସନ୍ତା ଦୁର୍ଗାପୂଜା ପୂର୍ବରୁ ବୋନସ୍ ପ୍ରଦାନ କରିବା ଦାବିରେ ଆଜି ଅନ୍ୟତମ ଶ୍ରମିକ ସଂଗଠନ ରାଉରକେଲା ମଜଦୁର ସଭା ପକ୍ଷରୁ ସ୍ଥାନୀୟ ବି ଶ୍ରା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ବିକ୍ଷୋଭରେ ମୀନତୀ ବିଶ୍ୱାଳ, ଅଭିରାମ ପ୍ରଧାନ, ସମୀର ମହାନ୍ତି, ଆଲୋକ ବୋଷ, ସତ୍ୟାନନ୍ଦ ବେହେରା, ଅସୀତ ଦାସ, ଅକ୍ଷୟ କୁମାର ନାୟକ ପ୍ରମୁଖ ଭାଷଣ ଦେଇଥିବାବେଳେ ଶତାଧିକ କର୍ମଚାରୀମାନେ ଭାଗ ନେଇଥିଲେ।

ଆର୍‌ଏସ୍‌ପିର ପେ-ସ୍ଲିପ୍ ପ୍ରଥା ବନ୍ଦକୁ ଆର୍‌ଏସ୍‌ଏସ୍‌ର ବିରୋଧ

ରାଉରକେଲା, ୨୦/୯ (ଶ୍ରୁ.ମି.): ସମ୍ପ୍ରତି ଆର୍‌ଏସ୍‌ପିରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ତାଙ୍କର ମାସିକ ବେତନ ବାବଦରେ ଉଲ୍ଲେଖିଥିବା ପୂର୍ଣ୍ଣାଙ୍ଗ ବିବରଣୀକୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏକ ପେ-ସ୍ଲିପ୍ ରୂପରେ ପ୍ରଦାନ କରିଆସୁଥିଲେ। ତେବେ ବର୍ତ୍ତମାନ ଆର୍‌ଏସ୍‌ପି ଏହି ପେ-ସ୍ଲିପ୍ ପ୍ରଥାକୁ ବନ୍ଦ କରିଦେଇ ଡିଜିଟାଲ ମାଧ୍ୟମରେ ନୂତନ ବ୍ୟବସ୍ଥା ପ୍ରଚଳନ କରିବାକୁ ନେଇଥିବା ନିଷ୍ପତ୍ତିକୁ ଅନ୍ୟତମ ଶ୍ରମିକ ସଂଗଠନ ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ଦ୍ୱାରା ଜାରି ଏକ ବିଜ୍ଞପ୍ତିରେ ଏହି ବ୍ୟବସ୍ଥା ଦ୍ୱାରା ଯେଉଁ କର୍ମଚାରୀମାନଙ୍କ ପାଖରେ କମ୍ପ୍ୟୁଟର ନାହିଁ କିମ୍ବା ଯେଉଁମାନଙ୍କ ଫୋନ୍‌ରେ ଆପ୍‌ର ବ୍ୟବସ୍ଥା ନାହିଁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବେ ତେଣୁ ଏହି ବିଜ୍ଞପ୍ତିକୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ତୁରନ୍ତ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି।

ବଜ୍ରପାତରେ ଜେଲ୍ ଭିତରେ ୨ କଏଦୀ ମୃତ

ଅଭିରାମ ସୋରେଙ୍ଗ (୩୫)
ମନୋଜ ବାଘେଲ (୨୬)

ସୁନ୍ଦରଗଡ଼, ୨୦/୯ (ଶ୍ରୁ.ମି.): ସୁନ୍ଦରଗଡ଼ ସଦର ମହକୁମାରେ ଥିବା ଜିଲ୍ଲା କାରାଗାରରେ ଗତକାଲି ବଜ୍ରପାତ ଘଟି ୨ ଜଣ ବନ୍ଦୀଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଟାଉନଥାନା ଅଞ୍ଚଳର କେନ୍ଦୁପଡ଼ାରେ ରହୁଥିବା ଅଭିରାମ ସୋରେଙ୍ଗ ନାମକ ଜଣେ ବ୍ୟକ୍ତି ଏକ ଧର୍ଷଣ ଅଭିଯୋଗରେ ଗିରଫ ହୋଇ ଗତ ୨୦୧୧ ମସିହାରୁ ଜେଲ୍‌ରେ ଥିବାବେଳେ ସଦରଥାନା ଅଞ୍ଚଳର କାରାଗ୍ରାମର ଲିମତିପଡ଼ାରେ ରହୁଥିବା ମନୋଜ ବାଘେଲ ନାମକ ଅନ୍ୟଜଣେ ଏକ ହତ୍ୟା ଘଟଣାରେ ଗିରଫ ହୋଇ ଜେଲରେ ଥିଲେ। ଗତକାଲି ଅଭିରାମ ଏବଂ ମନୋଜ ଅନ୍ୟ କଏଦୀ ମାନଙ୍କ ସହିତ କାରାଗାର ପରିସରରେ କାମ କରୁଥିବା ବେଳେ ହଠାତ୍ ବଜ୍ରପାତ ଘଟିଥିଲା। ଏଥିରେ ଏହି ଦୁଇଜଣ ଅଚେତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ନେଇ କର୍ତ୍ତୃପକ୍ଷ ଏମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ। ତେବେ ଡାକ୍ତରଖାନାରେ ଅଭିରାମ ଏବଂ ମନୋଜଙ୍କୁ ମୃତ ଘୋଷଣା କରାଯାଇଥିଲା।

ବିଜେଡିର ରାସ୍ତା ଅବରୋଧ ମାମଲା

ଡିଏସ୍‌ପିଙ୍କ ଏତଲାକ୍ରମେ ରାସ୍ତା ଅବରୋଧକାରୀଙ୍କ ନାମରେ କେସ୍ ଦାଏର

ସୁନ୍ଦରଗଡ଼, ୨୦/୯ (ଶ୍ରୁ.ମି.): ଡିଜେଲ୍ ଓ ପେଟ୍ରୋଲ୍ ଦରବୃଦ୍ଧି ପ୍ରତିବାଦରେ ରାଜ୍ୟ ଶାସକ ଦଳ ଦ୍ୱାରା ଗତ ୧୮.୯.୧୭ରେ ରାଜ୍ୟରେ ହରତାଳ ଡାକରାବେଳେ ସୁନ୍ଦରଗଡ଼ ପୋଲିସ ଜିଲ୍ଲା ଅଧିନରେ ଥିବା ସଦରଥାନା ଅଞ୍ଚଳର କରମଡିହିଠାରେ ବିଜେଡି ଦଳର କର୍ମୀମାନେ ରାସ୍ତା ଅବରୋଧ କରିଥିଲେ। ଜନସାଧାରଣଙ୍କ ସୁବିଧା ପାଇଁ ରାସ୍ତା ଅବରୋଧ ହଟାଇବାକୁ ଯାଇ ଡ୍ୟୁଟିରେ ଥିବା ଡିଏସ୍‌ପି ବବିତା ମଞ୍ଜରୀ ନାଏକ ବିଫଳ ହୋଇଥିଲେ। ଏନେଇ ଡିଏସ୍‌ପି ନାୟକ ଥାନାରେ ଏତଲା ଦେବା ପରେ ପୋଲିସ ଏକ କେସ୍ ରୁଜୁ କରିଥିବା ଜଣାପଡ଼ିଛି।

ଅଘୋଷିତ ବିଦ୍ୟୁତ କାଟକୁ ନେଇ ବିଜେପିର ବିକ୍ଷୋଭ

ରାଉରକେଲା, ୨୦/୯ (ଶ୍ରୁ.ମି.): ବିଦ୍ୟୁତ୍ ବିଭାଗ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଅଘୋଷିତ ବିଜୁଳିକାଟକୁ ନେଇ ଭାରତୀୟ ଜନତା ପାର୍ଟି ରାଉରକେଲା ସେଣ୍ଟ୍ରାଲ୍ ମଣ୍ଡଳ ପକ୍ଷରୁ ଆଜି ଉଦିତନଗରଠାରେ ଥିବା ୱେସ୍କୋ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେପି ନେତାମାନେ ସ୍ୱେସ୍କୋର ଅଧିକାରୀଙ୍କୁ ସାକ୍ଷାତ କରି ଅଘୋଷିତ ବିଜୁଳିକାଟକୁ ବନ୍ଦ କରିବା ପାଇଁ ଦାବି କରିଥିଲେ। ଆଜିର ଏହି ବିକ୍ଷୋଭରେ ବିଜେପି ନେତା ହରିହର ରାଉତରାୟ, ରମେଶ ବଳ, ରଣଜିତ ନାୟକଙ୍କ ସମେତ ଶତାଧିକ ସଦସ୍ୟମାନେ ଉପସ୍ଥିତ ଥିଲେ।

ନବମ ଦିନରେ ଅଙ୍ଗନୱାଡି ୱାର୍କରସ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଓ ଧାରଣା

ରାଜନଗର, ୨୦/୯ (ଶ୍ରୁ.ମି.): ରାଜନଗର ବ୍ଲକ ଅଙ୍ଗନୱାଡି ୱାର୍କରସ ସଂଘ ପକ୍ଷରୁ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ)ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ନବମ ଦିନରେ ପହଂଚିଛି । ବ୍ଲକର ସମସ୍ତ ୨୭୪ଟି ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଯାହାଫଳରେ ତିନି ବର୍ଷରୁ ଛଅବର୍ଷର ଶିଶୁ(ପ୍ରି-ସ୍କୁଲ)ର ପିଲାମାନେ ପାଠପଢା, ଖେଳକୁଦ ପୁଷ୍ଟିକର ଖାଦ୍ୟ ପାଇବାରୁ ବଂଚିତ ହେବା ସହ ଗର୍ଭବତୀ, ପ୍ରସୂତୀ ଓ ଛଅ ମାସରୁ ତିନିବର୍ଷର ଶିଶୁ ଶୁଖିଲା ଖାଦ୍ୟ (ଅଣ୍ଡା ଓ ଛତୁଆ) ପାଇବାରୁ ବଂଚିତ ହୋଇଛନ୍ତି। ରାଜ୍ୟ ସରକାର ହଠାତ୍ ବିନା ଆଲୋଚନାରେ ବିଧାୟକଙ୍କ ଦରମା ଏକ ଲକ୍ଷ ଟଙ୍କା କରିଥିବା ବେଳେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ କାମରେ ଆମକୁ କାମରେ ଲଗାଉଥିବା ବେଳେ ଆମକୁ ସର୍ବନିମ୍ନ ମଜୁରୀ ନଦେବା, ମା କୁ ସମ୍ମାନ ଦିଏ ବୋଲି ପ୍ରଚାର କରୁଥିବା ସରକାରର ଅସଲ ମୁଖା ଖୋଲି ଯାଇଛି ବୋଲି ଜିଲ୍ଲା ସମ୍ପାଦିକା ପୁଷ୍ପଲତା ରଥ ଅଭିଯୋଗ କରିଛନ୍ତି । ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ ଆସୋସିଏସନ ତରଫରୁ ଦିଆଯାଇଥିବା ଦୀର୍ଘ ଦିନର ଦାବିଗୁଡିକୁ ରାଜ୍ୟ ସରକାର ପୂରଣ କରିବାର ପ୍ରତିଶ୍ରୁତି ଦେଇ ସମୟ ଗଡାଇ ଚାଲିବା ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ ତଥା ବିଧାନ ସଭା ଆଗରେ ଧାରଣା ଚାଲୁ ରହିବ ବୋଲି ଜିଲ୍ଲା ସଂପାଦିକା ଶ୍ରୀମତୀ ରଥ କହିଛନ୍ତି। ଏହି ଗଣଧାରଣା ପ୍ରତ୍ୟେକ ଦିନ ୧୦ଟା ୫ଟା ପର୍ଯ୍ୟନ୍ତ ଚାଲୁ ରହିଛି। ବ୍ଲକ ସଭାନେତ୍ରୀ ଯଶୋଦା ରାଉତ, ଉପସଭାନେତ୍ରୀ ମାଣିକ ପ୍ରଧାନ, ସହ-ସଂପାଦିକା ରମାବତୀ ସ୍ୱାଇଁ ଓ କୋଷାଧକ୍ଷ ଅବିଚାରୀ ବାରିକ୍ ପ୍ରମୁଖଙ୍କ ସହ ଶତାଧିକ ଅଙ୍ଗନୱାଡି କର୍ମୀ ଓ ସହିୟିକା ସାମିଲ ହୋଇଛନ୍ତି।

ଆନ୍ତକଲେଜ କୁଇଜ୍ ପ୍ରତୀଯୋଗୀତାରେ ପ୍ରିୟମ ପ୍ରଥମ


PROMOTING FITNESS IN THE COMMUNITY
THE WINNING TEAM
Priyam Panda & Suvam Hota from Ravenshaw Jr College
TCS IT Wiz
Bhubaneswar

ଚଣ୍ଡିଖୋଲ, ୨୦/୦୯(ଶ୍ରୁମି) ଚଣ୍ଡିଖୋଲ ସନ୍ନିକଟ ଶାନ୍ତିପୁର ଗ୍ରାମର ପ୍ରିୟମ ପଣ୍ଡା ଭୁବନେଶ୍ୱର ଠାରେ ଆୟୋଜିତ ଟାଟା କନସୁଟାସ୍ନି ସର୍ଭିସ ଆନୁକୁଲ୍ୟରେ ଆୟୋଜିତ ଯୋନ ସ୍ତରୀୟ ଆନ୍ତକଲେଜ କୁଇଜ୍ ପ୍ରତୀଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରି ସର୍ବଭାରତୀୟ କୁଇଜ୍ ପ୍ରତିଯୋଗୀତାକୁ ମନୋନିତ ହୋଇଛନ୍ତି। ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟରେ ୧୨ଟି ଯୋନର ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଅଧୁନା ରେଭେନ୍ସା ଜୁନିୟର କଲେଜରେ ଅଧ୍ୟୟନଗତ ପ୍ରିୟମ ଆଗାମୀ ଡ଼ିସେମ୍ବର ୧୦ ତାରିଖରେ ବମ୍ବେର ତାଜ୍ ହୋଟେଲ୍ ଠାରେ ଆୟୋଜିତ ହେବାକୁ ଥିବା ସର୍ବଭାରତୀୟ କୁଇଜ୍ ପ୍ରତିଯୋଗୀତାରେ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରୀମାନ ପ୍ରିୟମ ଶାନ୍ତିପୁର ଗ୍ରାମର ଲାୟନସ୍ ସମାଜସେବୀ ଅରୁଣ ପଣ୍ଡାଙ୍କ ପୁତ୍ର ଓ ଶିକ୍ଷାବିତ୍ କାର୍ତ୍ତିକଚନ୍ଦ୍ରଙ୍କ ନାତି। ପ୍ରିୟମଙ୍କ ଏହି ସଫଳତାରେ ଚଣ୍ଡିଖୋଲ ଲାୟନସ୍ କ୍ଲବ୍ ଓ ବିଭିନ୍ନ ସାମାଜିକ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କୁ ସୁବେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ସଫଳତା କାମନା କରିଛନ୍ତି। ପୂର୍ବରୁ ବିଭିନ୍ନ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ବହୁ ପୁରସ୍କାର ଓ ସମ୍ବର୍ଦ୍ଧନା ପାଇଛନ୍ତି।

ଟ୍ରାଫିକ୍ ସମସ୍ୟା ନେଇ ଏସପିଙ୍କୁ ଭେଟିଲା ସଚେତନ ନାଗରିକ ମଂଚ

ଢେଙ୍କାନାଳ, ୨୦/୯ (ଶ୍ରୁ.ମି.): କ୍ରମବର୍ଦ୍ଧିଷ୍ଣୁ ଢେଙ୍କାନାଳ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଉ ଦୁଇ ସପ୍ତାହ ପରେ ଢେଙ୍କାନାଳର ଗଣପର୍ବ ପବିତ୍ର ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେବ। ସହରର ମୁଖ୍ୟ ରାସ୍ତା ଜବରଦଖଲକାରୀଙ୍କ କବଳରେ ରହିଥିବା ବେଳେ ରାସ୍ତା ସଙ୍କୁଚିତ ହୋଇଯାଇଛି। ଏପରି ପରିସ୍ଥିତିରେ ଅନିୟନ୍ତ୍ରିତ ଟ୍ରାଫିକ ବ୍ୟବସ୍ଥା ସମସ୍ୟାକୁ ଦ୍ୱିଗୁଣିତ କରିଛି। ସହରର ଟ୍ରାଫିକ ସମସ୍ୟା ନେଇ ଦୀର୍ଘ ଦିନ ଧରି ସହରର ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ଗାଡ଼ି ଚାଳକମାନେ ଜିଲ୍ଲା ପୁଲିସ ପ୍ରଶାସନକୁ ନିବେଦନ କରିଥିଲେ। ଏସପି ନୂତନ ଭାବେ କାର୍ଯ୍ୟରେ ଯୋଗ ଦେବାପରେ ଟ୍ରାଫିକ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଥିଲେ। ହେଲେ ଏବେ ଯଥାପୂର୍ବଂ ତଥା ପର ଅବସ୍ଥା ହୋଇଛି। ଟ୍ରାଫିକ ସମସ୍ୟା ସମାଧାନ ନେଇ ଢେଙ୍କାନାଳ ସଚେତନ ନାଗରିକ ଫୋରମର ଏକ ୭ଜଣିଆ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବସନ୍ତ କୁମାର ପାଣିଗ୍ରାହୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଟ୍ରାଫିକ୍ ସମସ୍ୟାର ଦୀର୍ଘ ମିଆଦି ସମାଧାନ ପାଇଁ ମହାବୀର ବଜାର ଛକରୁ ଦକ୍ଷିଣକାଳୀ ଅଂଚଳକୁ ଯାଇଥିବା ରାସ୍ତାର ପ୍ରବେଶ ଦ୍ୱାରକୁ ପ୍ରଶସ୍ତ କରାଯିବା ସହ ନୂଆ ଶାସନ ଛକ ଏବଂ ବାଜିଚୌକ ଛକ ଓଭର ବ୍ରିଜର ଉଭୟ ପାର୍ଶ୍ୱ ରାସ୍ତାକୁ ପୂର୍ବ ଯୋଜନା ମୁତାବକ ପ୍ରଶସ୍ତ କରାଯିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ସହରର ସାମୂହିକ ବିକାଶ ପାଇଁ ଜବରଦଖଲ ଉଚ୍ଛେଦ ସହ ଆବଶ୍ୟକ ସ୍ଥଳେ ଜମି ଅଧିଗ୍ରହଣ କରିବାକୁ ଫୋରମ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏଥିସହ ଉଦଭ୍ରାନ୍ତ ଯୁବକଙ୍କ ବେପରୁଆ ଗାଡ଼ି ଚାଳନା ଉପରେ ଅଙ୍କୁଶ ଲଗାଇବା, ସୁଲକ୍ଷଣା ଦେବୀ ବାଳିକା ହାଇସ୍କୁଲ ଓ ବ୍ରଜନାଥ ବଡଜେନା ହାଇସ୍କୁଲ ସମ୍ମୁଖରେ ସକାଳ ସାଢେ ୯ଟାରୁ ସାଢେ ୧୦ଟା ଏବଂ ଅପରାହ୍ନ ୪ ଟାରୁ ସାଢେ ୪ଟା ଯାଏଁ ଅସ୍ଥାୟୀ ଟ୍ରାଫିକ ପୁଲିସ ବ୍ୟବସ୍ଥା ଉପରେ ଫୋରମ ପକ୍ଷରୁ ଦାବି କରାଯାଇଛି। ଡିଜେ ସାଉଣ୍ଡ ବ୍ୟବହାରକୁ ନିୟନ୍ତ୍ରଣ କରାଯିବା ଏବଂ ରାସ୍ତା ପାର୍ଶ୍ୱ ଗ୍ୟାରେଜ ଗୁଡ଼ିକରେ ଗାଡ଼ି ଧୋଉଥିବା ବେଳେ ଅପରିଷ୍କାର ପାଣି ପଥଚାରୀଙ୍କ ଉପରେ ପଡୁଥିବାରୁ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିନିଧି ମଣ୍ଡଳୀ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସପି ଶ୍ରୀ ପାଣିଗ୍ରାହୀ ଏ ଦିଗରେ ଯଥା ସମ୍ଭବ ପଦକ୍ଷେପ ନେବେ ବୋଲି ପ୍ରତିନିଧି ମଣ୍ଡଳୀଙ୍କୁ ଆଶ୍ୱାସନା ଦେଇଥିଲେ। ପ୍ରତିନିଧି ଦଳରେ ଫୋରମର ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, କାର୍ଯ୍ୟକାରିଣୀ ସଭ୍ୟ ସମାଜସେବୀ ଅଖିଳ ମହାପାତ୍ର, ପଙ୍କଜ ନାୟକ, ସରୋଜ ଶତପଥୀ, ନ୍ତପ୍ରଶାନ୍ତ'ର ସମ୍ପାଦକ ପ୍ରଦୀପ ଦାଶ ଓ ଖାଦ୍ୟ ନିଗମର ଓଡିଶା ସଭ୍ୟ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।

ଉଦଳାରେ ବ୍ଲକ୍‌ସ୍ତରୀୟ ଓଡ଼ିଆ ଭାଷା ଜ୍ଞାନ ପ୍ରତିଯୋଗିତା

ଉଦଳା, ୧୭/୯(ଶ୍ରୁ.ମି) ଉଦଳାଠାରେ ବ୍ଲକ୍‌ସ୍ତରୀୟ ଓଡ଼ିଆ ଭାଷା ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଏହି ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା। ଆନନ୍ଦ କୁମାର ଦାସଙ୍କ ପରିଚାଳାନାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୋଟ୍ ୧୨୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଶିକ୍ଷକ ନିତ୍ୟାନନ୍ଦ ନାୟକ, ଅନୁପମ ପ୍ରଧାନ, ଭାଗବତ ମାଝୀ ,ଶାନ୍ତନୁ ନନ୍ଦ ଓ ଶିକ୍ଷୟିତ୍ରୀ ତିଳୋତ୍ତମା ମହାନ୍ତି ଯୋଗଦାନ କରିଥିଲେ। ଚିତ୍ରାଙ୍କନରେ ଅମ୍ରିତା ପ୍ରିୟଦର୍ଶିନୀ ପାଢ଼ୀ, ଆକାଶ ବାର୍ଡା, ଏମ୍ ହୃଶୀକେଶ ପ୍ରସାଦ, ଭାଷା ଜ୍ଞାନରେ ଅଭିଜିତ୍ ମହାନ୍ତି, ଏସ୍ ସୁଜ୍ଞାନୀ ସା ପ୍ରଧାନ, ଓଡ଼ିଆ ହସ୍ତାକ୍ଷରରେ ପାୟଲ ନାୟକ ହରପ୍ରିୟା ବେହେରା ଓ ରୀତିକସ୍ତୁରୀ ସାମଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ଓ ତୃତୀୟ ଭାବେ ପୁରସ୍କୃତ ହୋଇଥିଲେ। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ପବିତ୍ର ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନୂଆସାହି ମହାବିଦ୍ୟାଳର ଅଧ୍ୟାପକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦାନ କରି କୃତିଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଶିକ୍ଷାକେନ୍ଦ୍ରର କର୍ମଚାରୀମାନେ ସହଯୋଗ କରିଥିଲେ।

ବିଜେଡି ଗୁଣ୍ଡାରାଜର ପ୍ରତିବାଦ ଏସପିଙ୍କ କାର୍ଯ୍ୟାଳୟ ଘେରିଲା ବିଜେପି ଯୁବମୋର୍ଚ୍ଚା

ହରତାଳ ନାଁରେ ବିଜେଡିର ସରକାରୀ ପ୍ରାୟୋଜିତ
ଗୁଣ୍ଡାରାଜ ପ୍ରତିବାଦରେ
ଏସପି ଅଫିସ ସମ୍ମୁଖରେ ବିକ୍ଷୋଭ

ଢେଙ୍କାନାଳ, ୨୦/୯ (ଶ୍ରୁ.ମି.): ହରତାଳ ନାଁରେ ବିଜେଡିର ଗୁଣ୍ଡାରାଜ ଓ ଦାଦାଗିରି ପ୍ରତିବାଦରେ ଆଜି ପୂର୍ବାହ୍ନରେ ଢେଙ୍କାନାଳ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ପଦ୍ମଭୂଷଣ ସାହୁଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ପକ୍ଷରୁ ଢେଙ୍କାନାଳ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଗତ ୧୮ ତାରିଖରେ ଭୁବନେଶ୍ୱରରେ ବିଜେଡି କର୍ମୀମାନେ ସେମାନଙ୍କର ନେତା ଓ ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ହରତାଳ ନାଁରେ ପୁଲିସ ଉପସ୍ଥିତିରେ ଯେଭଳି ଭାବେ ଆତଙ୍କରାଜ ସୃଷ୍ଟି କରି ଆମ୍ବୁଲାନସରେ ଡାକ୍ତରଖାନା ଯାଉଥିବା ରୋଗୀଙ୍କୁ ଅଟକାଇବା, ମହିଳା ଓ ଜନସାଧାରଣଙ୍କ ଉପରେ ଆକ୍ରମଣ କରିବା, ଗାଡି ମୋଟର ଭଙ୍ଗାରୁଜା କରିବା ଭଳି ଆତଙ୍କ ସୃଷ୍ଟି କରିଥିଲେ। ଏପରିକି ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ଦ୍ୱାରା ଦିଆଯାଇଥିବା ଡ଼ାକରା ନ୍ତରଣମୁକ୍ତ ଚାଷୀ, ସୁଧମୁକ୍ତ ରଣ' ରାଲିରେ ଯୋଗ ଦେବାକୁ ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା ଚାଷୀମାନଙ୍କୁ ଜବରଦସ୍ତ ଅଟକାଇବା ଇତ୍ୟାଦିକୁ ଯୁବ ମୋର୍ଚ୍ଚା ନେତୃବୃନ୍ଦ ଘୋର ନିନ୍ଦା କରିବା ସହ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରି ସମାଲୋଚନା କରିଥିଲେ । ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଥିଲା । ଉପରୋକ୍ତ ବିକ୍ଷୋଭରେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ପାତ୍ର, ଜିଲ୍ଲା ଉପ ସଭାପତି ନବକିଶୋର ଗୁରୁ, ଉପେନ୍ଦ୍ର ମହାକୁଡ, ଜିଲ୍ଲା ସମ୍ପାଦକ ମାତୃପ୍ରସାଦ ନନ୍ଦ, ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ସନାତନ ବେହେରା, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ନିରୋଜ ନଳିନୀ ମହାଳିକ, ନଗର ମଣ୍ଡଳ ସଭାପତି ନିରୋଦ କୁମାର ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଦୀପକ ଗୋଚ୍ଛାୟତ, ଜିଲ୍ଲା ଉପ ସଭାପତି ଚିତଲ ମହାନ୍ତି, ସତ୍ୟରଂଜନ ଭୂୟାଁ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜିତ ଭିଶାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଂଜନ ମିଶ୍ର, ଅନିମେଶ ଚାନ୍ଦ, ଯୁବମୋର୍ଚ୍ଚାର ନଗର ମଣ୍ଡଳ ଉପ ସଭାପତି ବ୍ରହ୍ମାନନ୍ଦ ସାହୁ, ରମ୍ୟରଞ୍ଜନ ମହାପାତ୍ର, ସନ୍ତୋଷ ବେହେରା, ସମ୍ପାଦକ ସଞ୍ଜୟ ବେହେରା, ବିକାଶ ସାହୁ, ଅଜୟ ଷେଣ୍ଢ, ସଞ୍ଜୟ ରାଉତ, ଜିତେନ୍ଦ୍ର ପ୍ରସାଦ ସାମଲ, ହିମାଂଶୁ ସାମଲ, ଲକ୍ଷ୍ମଣ ବିଶ୍ୱାଳ, ସନ୍ଦୀପ ପଣ୍ଡା, ସରୋଜ ସାହୁ, ପ୍ରଶାନ୍ତ ରଣା, ସନ୍ତୋଷ ସାହୁ, ଦିବ୍ୟଜିତ୍ ସାମନ୍ତ, ବିଜୟ ବେହେରା, ସଂକଳ୍ପ ଦାସ, ଷ୍ଟାଲିନ ମହାନ୍ତି, ସୌମ୍ୟରଂଜନ ବେହେରା, ସମ୍ରାଟ ମଲ୍ଲିକ, ସୁଚିତ୍ରା ବେହେରା, ସୁବ୍ରତ ନନ୍ଦ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଅଗ୍ରସେନ ସମିତି ଦ୍ୱାରା ଆର୍‌ଜିଏସ୍‌କୁ ବିଭିନ୍ନ ଉପକରଣ ପ୍ରଦାନ

ରାଉରକେଲା, ୨୦/୯ (ଶ୍ରୁ.ମି.): ରାଉରକେଲାରେ ଥିବା ଅନ୍ୟତମ ସାମାଜିକ ସଂଗଠନ ଅଗ୍ରସେନ ଜୟନ୍ତୀ ସମାରୋହ ସମିତି ଦ୍ୱାରା ଆଜି ରାଉରକେଲା ସରକାରୀ ଡାକ୍ତରଖାନାକୁ ରୋଗୀମାନଙ୍କୁ ନେବା ଆଣିବା କରିବା ପାଇଁ ଆବଶ୍ୟକ ଥିବା ହୁଇଲ ଚେୟାର, ଷ୍ଟ୍ରେଚର, ପଙ୍ଖା ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆରଜିଏଚ୍‌ରେ ଆୟୋଜିତ ଏକ ସମାରୋହରେ ଅଗ୍ରସେନ ସମାଜର ପଦାଧିକାରୀମାନେ ଆର୍‌ଜିଏଚ୍‌ର ସିଏମ୍‌ଓଙ୍କ ଉପସ୍ଥିତିରେ ସମସ୍ତ ସାମଗ୍ରୀ ଆର୍‌ଜିଏଚ୍‌କୁ ହସ୍ତାନ୍ତର କରିଥିଲେ।

ରକ୍ତଦାନ ଶିବିର ଆୟୋଜିତ

ରାଉରକେଲା, ୨୦/୯ (ଶ୍ରୁ.ମି.): ସେକ୍ଟର-୫ରେ ଥିବା କେନ୍ଦ୍ରୀୟ ଉତ୍ପାଦକ ଶୁଳ୍କ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। କାର୍ଯ୍ୟାଳୟ ପରିସରରେ ହୋଇଥିବା ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ବହୁ କର୍ମଚାରୀମାନେ ଯୋଗଦେବା ସହିତ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ଜଣାପଡ଼ିଛି।